# ଭିସୁଟ୍‌ରେ ଜାତୀୟ ସମ୍ମିଳନୀ




ବୁର୍ଲା,୮।୩(ଆପ୍ର): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ରସାୟନ ବିଜ୍ଞାନ ବିଭାଗରେ ବସ୍ତୁ ବିଜ୍ଞାନରେ ସାମ୍ପ୍ରତିକ ଉନ୍ନତି (ରାଇମ୍ସ-୨୦୨୬) ଉପରେ ୮ମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ଦୀପକ କୁମାର ସାହୁ ସମ୍ମିଳନୀ ଉଦ୍‌ଘାଟନ କରି ପ୍ରଯୁକ୍ତିବିଦ୍ୟା ଓ ଶିଳ୍ପ ବିକାଶ ପାଇଁ ବସ୍ତୁ ବିଜ୍ଞାନ ଉପରେ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ସଂଯୋଜକ ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶକ୍ତି, ପରିବେଶ ଏବଂ ସ୍ଥାୟୀ ବିକାଶ ସହିତ ଜଡ଼ିତ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବାରେ ଉନ୍ନତ ବସ୍ତୁର ବର୍ଦ୍ଧିତ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ଆଦିତ୍ୟ ଏଫ୍‌ଆର୍‌ପିର ଉପାଧ୍ୟକ୍ଷ ଏବଂ ପ୍ଲାଣ୍ଟ ମୁଖ୍ୟ ସୁନୀଲ ସିଂହ ବସ୍ତୁ ବିଜ୍ଞାନରେ ନବସୃଜନ ଏବଂ ପ୍ରୟୋଗମୁଖୀ ଗବେଷଣା ପାଇଁ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ବୃଦ୍ଧି ପାଉଥିବା ସହଯୋଗ ବିଷୟରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଏମ୍‌ସିଏଲ୍ ମହାପ୍ରବନ୍ଧକ (ମାନବ ସମ୍ବଳ/ନିଯୁକ୍ତି ) ବି. ବେହୁରିଆ ଏକ ଜାତୀୟସ୍ତରୀୟ ପ୍ଲାଟଫର୍ମ ଆୟୋଜନ ପାଇଁ ରସାୟନ ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ।

ଉଦ୍‌ଘାଟନୀ ଅଧିବେଶନରେ ଭିସୁଟ୍ କୁଳସଚିବ ପ୍ରଦୀପ ଡାଙ୍ଗ, ପ୍ରଫେସର ଦେବୀଦତ୍ତ ମିଶ୍ର, ଡିନ୍ ଏକାଡେମିକ୍ ପ୍ରଫେସର ସଞ୍ଜୟ କୁମାର ପାତ୍ର, ବିଭିନ୍ନ ବିଭାଗର ଡିନ୍ ଏବଂ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ପ୍ରାୟ ୩୦୦ ଜଣ ଗବେଷକ, ଅଧ୍ୟାପକ ଏବଂ ଆଇଆଇଟି, ଏନ୍‌ଆଇଟି, ଆଇଜର ଆଦି ଅନୁଷ୍ଠାନର ଛାତ୍ରଛାତ୍ରୀ ସାମିଲ ଥିଲେ। ପ୍ରାୟ ୨୦ଜଣ ନିମନ୍ତ୍ରିତ ବକ୍ତା ଏବଂ ଜଣେ ପୂର୍ଣାଙ୍ଗ ବକ୍ତା ଭୌତିକ ବିଜ୍ଞାନର ଉଦୀୟମାନ କ୍ଷେତ୍ର ଉପରେ ବକ୍ତୃତା ପ୍ରଦାନ କରିଥିଲେ। ବୈଷୟିକ ଅଧିବେଶନଗୁଡ଼ିକୁ ପ୍ରଫେସର ଶରତ କୁମାର ସାଇଁ ଏବଂ ପ୍ରଫେସର ସୁକଲ୍ୟାଣ ଦାଶ ସଂଯୋଜନା କରିଥିଲେ। ସାଂଗଠନିକ ସମ୍ପାଦକ ଡ. ବିଜ୍ଞାନ ରଞ୍ଜନ ଜାଲି ଧନ୍ୟବାଦ ଅର୍ପଣ କରିଥିଲେ।